# NATIONAL NEWS BULLETIN (ODIA)

## 28th May - 2025

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ୪ଟି ରାଜ୍ୟକୁ ଆସନ୍ତାକାଲିଠାରୁ ଦୁଇଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

— ୭୦ ହଜାର କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ପ୍ରକଳ୍ପର କରିବେ ଉଦ୍‌ଘାଟନ ଓ ଶିଳାନ୍ୟାସ ।

- କ୍ୟାବିନେଟ୍ କମିଟି ଅନୁମୋଦନ କଲା ୧୪ଟି ଖରିଫ୍ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ।
- ଦେଶବ୍ୟାପୀ ବିକଶିତ କୃଷି ସଙ୍କଳ୍ପ ଅଭିଯାନ ଆରମ୍ଭ ହେବ ଆସନ୍ତାକାଲିଠାରୁ ।
- ଜର୍ମାନ କ୍ୟାବିନେଟ୍‌ରେ ପ୍ରବାସୀ ଆଇନ ସଂକ୍ରାନ୍ତ ଦୁଇଟି ଚିଠା ବିଲ୍ ଅନୁମୋଦିତ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ର ପ୍ରଥମ କ୍ୱାଲିଫାୟାର୍ ମ୍ୟାଚ୍ ଆରମ୍ଭ ହେବ ଆସନ୍ତାକାଲି ।

## ପି.ଏମ୍. ଭିଜିଟ୍ ଟୁ ଷ୍ଟେଟ୍‌ସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ସିକ୍କିମ୍, ପଶ୍ଚିମବଙ୍ଗ, ବିହାର ଓ ଉତ୍ତରପ୍ରଦେଶକୁ ଦୁଇଦିନିଆ ଗସ୍ତରେ ଯିବେ । ଏହି ଗସ୍ତକାଳରେ ପ୍ରଧାନମନ୍ତ୍ରୀ ୭୦ ହଜାର କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବେ ।

ସିକ୍କିମ ଗସ୍ତବେଳେ ପ୍ରଧାନମନ୍ତ୍ରୀ '୨୦୫୦ରେ ସିକ୍କିମ୍ : ଯେଉଁଠାରେ ପ୍ରଗତି ଉଦ୍ଦେଶ୍ୟ ସାଧନ କରିବ ଓ ଅଭିବୃଦ୍ଧିକୁ ପ୍ରକୃତି ପାଳନ କରିବ' ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଅବସରରେ ସେ ରାଜ୍ୟରେ କେତେକ ବିକାଶମୂଳକ ବହୁମୁଖୀ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏଥିସହିତ ସେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ସିକ୍କିମ୍‌ରେ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ନାମ୍‌ଚି ଜିଲ୍ଲାରେ ୭୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ୫୦୦ ଶଯ୍ୟା ବିଶିଷ୍ଟ ଏକ ନୂତନ ଜିଲ୍ଲା ହସ୍ପିଟାଲ୍, ଗ୍ୟାଲ୍‌ସିଙ୍ଗ ଜିଲ୍ଲାର ସାଙ୍ଗାଚୋଏଲିଂଠାରେ ଏକ ଯାତ୍ରୀ ରୋପ୍‌ୱେ, ଗ୍ୟାଙ୍ଗ୍‌ଟକ୍ ଜିଲ୍ଲାର ସାଙ୍ଗ୍‌ଖୋଲାର ଅଟଳ ଅମୃତ ଉଦ୍ୟାନଠାରେ ଭାରତରତ୍ନ ଅଟଳ ବିହାରୀ

ବାଜପେୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଆଦି ରହିଛି । ସିକ୍କିମ୍ ରାଜ୍ୟ ପ୍ରତିଷ୍ଠାର ୫୦ ବର୍ଷ ପୂର୍ତ୍ତି ଅବସରରେ ଶ୍ରୀ ମୋଦି ଏକ ସ୍ମାରକୀ ମୁଦ୍ରା, ଷ୍ଟାମ୍ପ୍ ଉନ୍ମୋଚନ କରିବାର ମଧ୍ୟ କାର୍ଯ୍ୟସୂଚୀ ରହିଛି ।

ଏହାପରେ ଶ୍ରୀ ମୋଦୀ ପଶ୍ଚିମବଙ୍ଗ ଗସ୍ତ କରି ଅଲ୍ଲିପୁରଦ୍ୱାରଠାରେ ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁସନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ କୁଚବେହାରଠାରେ ମଧ୍ୟ କେତେକ ପ୍ରକଳ୍ପର ଶିଳାନ୍ୟାସ କରିବେ । ପଶ୍ଚିମବଙ୍ଗରେ ୧ ହଜାର ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

ଏହାପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ବିହାର ଗସ୍ତ କରି ପାଟ୍‌ନା ଏୟାରପୋର୍ଟଠାରେ ଏକ ନୂଆ ଟର୍ମିନାଲ କୋଠାର ଉଦ୍‌ଘାଟନ କରିବେ । ଶୁକ୍ରବାରଦିନ ବିହାରର କାରାକାଟଠାରେ ପ୍ରଧାନମନ୍ତ୍ରୀ ୪୮ହଜାର ୫୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଜାତୀୟ ବହୁମୁଖୀ ବିକାଶ ପ୍ରକଳ୍ପର ଲୋକାର୍ପଣ କରିବେ । ଏହି ଅବସରରେ ସେ ଏକ ସାଧାରଣ ସଭାକୁ ମଧ୍ୟ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ।

ପରେ ସେ ଉତ୍ତରପ୍ରଦେଶ ଗସ୍ତ କରି କାନପୁରନଗରଠାରେ ୨୦ ହଜାର ୯୦୦ କୋଟି ଟଙ୍କା ବ୍ୟୟରେ ବିକଶିତ କରାଯାଇଥିବା ବହୁମୁଖୀ ଉନ୍ନୟନ ପ୍ରକଳ୍ପର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହି ଅବସରରେ ସେ ମଧ୍ୟ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ ବୋଲି ଜଣାପଡିଛି ।

# କ୍ୟାବିନେଟ୍

ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ୨୦୨୫-୨୬ ବିପରଣ ଋତୁପାଇଁ ୧୪ଟି ଖରିଫ୍ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ - ଏମ୍.ଏସ୍.ପି. ବୃଦ୍ଧିକୁ ଅନୁମୋଦନ କରିଛନ୍ତି । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, କୃଷକମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ସଠିକ୍ ମୂଲ୍ୟ ପାଇବା ସୁନିଶ୍ଚିତ କରିବା ଲକ୍ଷ୍ୟରେ ସରକାର ଖରିଫ୍ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି । ପୂର୍ବବର୍ଷ ତୁଳନାରେ ଏମ୍.ଏସ୍.ପି.ରେ ସର୍ବାଧିକ ବୃଦ୍ଧି ନାଇଜର୍ ବିହନ ପାଇଁ କୁଇଣ୍ଟାଲ୍ ପିଛା ୮୨୦ ଟଙ୍କା, ରାଗି କୁଇଣ୍ଟାଲ୍ ପିଛା ୫୯୬ ଟଙ୍କା, କପା କୁଇଣ୍ଟାଲ ପିଛା ୫୮୯ ଟଙ୍କା ଏବଂ ରାଶି କୁଇଣ୍ଟାଲ ପିଛା ୫୭୯ ଟଙ୍କା ସୁପାରିସ କରାଯାଇଛି ।

***Voice :...........***

ସେହିପରି କ୍ୟାବିନେଟ୍ କମିଟି ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶରେ ଭାରତୀୟ ରେଳବାଇରେ ଦୁଇଟି ମଲ୍ଟି ଟ୍ରାକିଂ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ କରିଛନ୍ତି । ଏହା ରେଳଯାତ୍ରା ବ୍ୟବସ୍ଥାରେ ଉନ୍ନତି ଆଣିବା ସହ ଲଜିଷ୍ଟିକ୍ ଖର୍ଚ୍ଚ ହ୍ରାସ କରିବ । ସେହିପରି ତୈଳ ଆମଦାନୀ ହ୍ରାସ, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ଦିଗରେ ସହାୟକ ହେବ । ଏହି ପ୍ରକଳ୍ପଗୁଡ଼ିକପାଇଁ ୩ ହଜାର ୩୯୯ କୋଟି

ଟଙ୍କା ବ୍ୟୟ ଅଟକଳ କରାଯାଇଛି ଏବଂ ଏହା ୨୦୨୯-୩୦ ମସିହା ସୁଦ୍ଧା ଶେଷ ହେବ ବୋଲି କୁହାଯାଇଛି ।

ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଆନ୍ଧ୍ରପ୍ରଦେଶରେ ୩ ହଜାର ୬୫୩ କୋଟି ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୦୮ ଦଶମିକ ୧/୩/୪ କିଲୋମିଟର ଦୀର୍ଘ ୪ ଲେନ୍ ବିଶିଷ୍ଟ ବାଡ୍‌ଭେଲ୍-ନେଲୋର କରିଡର ନିର୍ମାଣକୁ ମଧ୍ୟ ଅନୁମୋଦନ କରିଛି । ଆନ୍ଧ୍ରପ୍ରଦେଶର ୩ଟି ଶିଳ୍ପ କରିଡର ସହିତ ସଂଯୋଗ ସ୍ଥାପନ ଦିଗରେ ବାଡ୍‌ଭେଲ୍-ନେଲୋର କରିଡର ସହାୟକ ହେବ ବୋଲି କୁହାଯାଇଛି ।

କ୍ୟାବିନେଟ୍ କମିଟି ୨୦୨୫-୨୬ ବର୍ଷପାଇଁ ସଂଶୋଧିତ ସୁଧ ଯୋଜନା - ଏମ୍.ଆଇ.ଏସ୍.ଏସ୍. ଅଧୀନରେ ଆବଶ୍ୟକ ପାଣ୍ଠି ବ୍ୟବସ୍ଥାକୁ ଅନୁମୋଦନ କରିଛି । ଏମ୍.ଆଇ.ଏସ୍.ଏସ୍. ହେଉଛି ଏକ କେନ୍ଦ୍ରୀୟ ଯୋଜନା, ଯାହାକି କିଷାନ୍ କ୍ରେଡିଟ୍ କାର୍ଡ଼ ମାଧ୍ୟମରେ ଚାଷୀମାନଙ୍କୁ ସୁଲଭ ସୁଧହାରରେ ସ୍ୱଳ୍ପକାଳୀନ ଋଣ ଉପଲବ୍ଧତାକୁ ସୁନିଶ୍ଚିତ କରାଇଥାଏ ।

## ପ୍ରେଜ୍ - ଲିଟେରାସୀ କନ୍‌ଫରେନ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ସାହିତ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଏହି ଦୁଇଦିନିଆ ସମ୍ମିଳନୀରେ କବି ସମ୍ମିଳନୀ, ଭାରତର ନାରୀବାଦୀ ସାହିତ୍ୟ, ସାହିତ୍ୟରେ

ପରିବର୍ତ୍ତନ, ଏବଂ ବିଶ୍ୱ ଦୃଷ୍ଟିକୋଣରେ ଭାରତୀୟ ସାହିତ୍ୟର ନୂତନ ଦିଗ୍‌ଦର୍ଶନ ସଂକ୍ରାନ୍ତ ବିଭିନ୍ନ ଅଧିବେଶନ ଅନୁଷ୍ଠିତ ହେବ । ଦେବୀ ଅହଲ୍ୟା ବାଈ ହୋଲ୍‌କରଙ୍କ କାହାଣୀ ସହିତ ଏହି ସମ୍ମିଳନୀ ଉଦ୍‌ଯାପିତ ହେବ । ସାହିତ୍ୟ ଏକାଡେମୀ ସହଯୋଗରେ ରାଷ୍ଟ୍ରପତି ଭବନରେ ଏହି ଦୁଇଦିନିଆ ସମ୍ମିଳନୀର ଆୟୋଜନ କରାଯାଉଛି । ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ଏବଂ ଦେଶର ବିଶିଷ୍ଟ ସାହିତ୍ୟିକମାନେ ଆସନ୍ତାକାଲିର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ ।

## ମକ୍ ଡ୍ରିଲ୍

ପାକିସ୍ତାନ ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଆସନ୍ତାକାଲି ବେସାମରିକ ପ୍ରତିରକ୍ଷା ମକ୍‌ଡ୍ରିଲ୍ କରାଯିବ । ଗୁଜରାଟ୍, ରାଜସ୍ଥାନ, ପଞ୍ଜାବ ଏବଂ ଜମ୍ମୁ-କାଶ୍ମୀରରେ ଏହି ମକ୍‌ଡ୍ରିଲ୍ କରାଯିବା ନେଇ ସ୍ୱତନ୍ତ୍ର ଆୟୋଜନ କରାଯାଇଛି । ଏହି ମକ୍‌ଡ୍ରିଲ୍ ମାଧ୍ୟମରେ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ଲାଗି ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ । ବିଭିନ୍ନ ଧାର୍ମିକ ଅନୁଷ୍ଠାନ, ସରକାରୀ କାର୍ଯ୍ୟାଳୟର ସ୍ୱେଚ୍ଛାସେବୀ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ,  ଏବଂ ଏନ୍.ଏସ୍.ଏସ୍.ର ସ୍ୱେଚ୍ଛାସେବୀମାନେ ଏହି ମକ୍‌ଡ୍ରିଲ୍‌ରେ ଅଂଶଗ୍ରହଣ କରିବେ ।

# ବିକଶିତ କୃଷି ସଙ୍କଳ୍ପ ଅଭିଯାନ

ଦେଶ ବ୍ୟାପି ବିକଶିତ କୃଷି ସଂକଳ୍ପ ଅଭିଯାନ ଆସନ୍ତାକାଲିଠାରୁ ଆରମ୍ଭ ହେବ । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଓଡ଼ିଶାର ପୁରୀଠାରେ ଏହି ଅଭିଯାନର ଶୁଭାରମ୍ଭ କରିବେ । ଆସନ୍ତା ମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ଦେଶର ୭୦୦ରୁ ଅଧିକ ଜିଲ୍ଲାକୁ ସାମିଲ କରାଯାଇଛି । କୃଷି ବୈଜ୍ଞାନିକ ଏବଂ ବିଶେଷଜ୍ଞ ୨୦ଟି ରାଜ୍ୟର ଏହି ଜିଲ୍ଲା ଗୁଡ଼ିକୁ ଗସ୍ତ କରି ଚାଷୀଙ୍କ ସହ ସିଧାସଳଖ ମତ ବିନିମୟ କରିବେ ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏହି ୧୫ ଦିନିଆ ଅଭିଯାନ ଅବସରରେ ମନ୍ତ୍ରୀ ଶ୍ରୀ ଚୌହାନ ବିଭିନ୍ନ ରାଜ୍ୟକୁ ଗସ୍ତ କରିବେ ।

ବିଭିନ୍ନ ଅଞ୍ଚଳ ପାଇଁ ନିର୍ଦ୍ଦିଷ୍ଟ ପ୍ରମୁଖ ଖରିଫ୍ ଫସଲର ଆଧୁନିକ କୌଶଳ ସମ୍ପର୍କରେ କୃଷିଜୀବୀଙ୍କୁ ସଚେତନ କରିବା ଏହି ଅଭିଯାନରେ ମୁଖ୍ୟ ଉଦ୍ଦେଶ୍ୟ । କୃଷି କ୍ଷେତ୍ର ପାଇଁ ସରକାରଙ୍କ କଲ୍ୟାଣକାରୀ ଯୋଜନା ଗୁଡ଼ିକ ଉପରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ରଖାଯାଇଛି । କୃଷି ବୈଜ୍ଞାନିକ ଏବଂ ବିଶେଷଜ୍ଞ ଦଳ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ଼ର ଠିକ୍ ବ୍ୟବହାର, ଫସଲ ଚୟନ ଏବଂ ସନ୍ତୁଳିତ ସାର ପ୍ରୟୋଗ ଉପରେ ଏହି ଅବସରରେ ମାର୍ଗ ଦର୍ଶନ କରିବେ ବୋଲି ଜଣାପଡ଼ିଛି ।

## ଗୁଜରାଟ - ଗ୍ରାମ ପଞ୍ଚାୟତ ଇଲେକ୍ସନ

ଗୁଜରାଟ ରାଜ୍ୟ ନିର୍ବାଚନ ଆୟୋଗ' ରାଜ୍ୟର ୮ ହଜାର ୩୨୬ଟି ଗ୍ରାମରେ ଗ୍ରାମ ପଞ୍ଚାୟତ ନିର୍ବାଚନ କରିବା ନିମନ୍ତେ ଘୋଷଣା କରିଛନ୍ତି । ରାଜ୍ୟ ନିର୍ବାଚନ କମିଶନର ଡକ୍ଟ ଏସ୍. ମୁରଲୀ କ୍ରିଷ୍ଣା ଆଜି ଗାନ୍ଧିନଗରଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ଘୋଷଣା କରି କହିଛନ୍ତି, ଗ୍ରାମ ପଞ୍ଚାୟତ ନିର୍ବାଚନ ବାଲାଟ୍ ପେପର ମାଧ୍ୟମରେ ହେବ । ଆସନ୍ତା ମାସ ୨ ତାରିଖରେ ନିର୍ବାଚନ ନେଇ ସରକାରୀ ବିଜ୍ଞପ୍ତି ଜାରି କରାଯିବ । ଜୁନ ୯ ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ଧାର୍ଯ୍ୟ କରାଯାଇଛି । ସେହିପରି ମନୋନୟନ ପତ୍ରଗୁଡ଼ିକୁ ୧୦ ତାରିଖରେ ଯାଞ୍ଚ୍ କରାଯିବ । ଜୁନ୍ ୧୧ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଥିବାବେଳେ ୨୨ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ ।

## ଜର୍ମାନୀ - ବିଲ୍

ଜର୍ମାନୀ କ୍ୟାବିନେଟ୍ ଦେଶର ପ୍ରବାସୀ ଆଇନ୍‌କୁ କଠୋର କରିବା ନିମନ୍ତେ ଦୁଇଟି ଚିଠା ବିଲ୍‌କୁ ଅନୁମୋଦନ କରିଛି । ଏହି ଚିଠା ବିଲ୍' କେତେକ ଶରଣାର୍ଥୀଙ୍କପାଇଁ ପରିବାର ପୁନଃ ସଂଯୋଗକୁ ସୀମିତ କରିବ ଏବଂ

ଅନ୍ୟ କେତେକ ପ୍ରବାସୀଙ୍କ ପାଇଁ ଦ୍ରୁତ ନାଗରିକତା ଗ୍ରହଣ ପ୍ରକ୍ରିୟାକୁ ସଙ୍କୁଚିତ କରିବ । ନୂତନ ନିୟମ ଅନୁଯାୟୀ ପରିବାର ସଦସ୍ୟମାନଙ୍କୁ ଜର୍ମାନୀରେ ଏକତ୍ର ହେବାପାଇଁ କ୍ଷମତାକୁ ହ୍ରାସ କରିବ । ଦ୍ୱିତୀୟ ବିଲ୍‌ରେ ପ୍ରବାସୀମାନଙ୍କୁ ୫ ବର୍ଷ ବଦଳରେ ୩ ବର୍ଷ ବାସ କରିବା ପରେ ପୁନଃ ନାଗରିକତା ପାଇଁ ଆବେଦନ କରିବାକୁ ଅନୁମତି ଦିଆଯାଇଛି । ସେଠାକାର ଗୃହମନ୍ତ୍ରୀ ଆଲେକ୍‌ଜାଣ୍ଡାର ଡୋବ୍ରିଣ୍ଡ ଏହି ଦୁଇଟି ବିଲ୍ ଆଗତ କରିଥିଲେ । ଏହା ଆଇନରେ ପରିଣତ ହେବା ପୂର୍ବରୁ ଜର୍ମାନୀ ସଂସଦର ନିମ୍ନ ସଦନ ବୁନ୍ଦେସ୍ତାଗ୍‌ଦ୍ୱାରା ବିତର୍କ ଏବଂ ଅନୁମୋଦିତ ହେବାର ଆବଶ୍ୟକତା ରହିଛି ।**ଆଇ.ଏମ୍.ଡି. - ୱେଦର**

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆସାମ, ମେଘାଳୟ, ଉପକୂଳବର୍ତ୍ତୀ ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ କର୍ଣ୍ଣାଟକ, କେରଳ, ମାହେ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା, ତାମିଲ୍‌ନାଡୁ, ପୁଡୁଚେରୀ ଏବଂ କରାଇକାଲରେ ଆସନ୍ତାକାଲି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି ବୋଲି କୁହାଯାଇଛି । ସେହିପରି ଅରୁଣାଚଳ ପ୍ରଦେଶ, ଓଡ଼ିଶା, ତେଲଙ୍ଗାନା, ପଶ୍ଚିମବଙ୍ଗ ଏବଂ ସିକ୍କିମ୍‌ରେ ଆସନ୍ତାକାଲି ପ୍ରବଳ ବର୍ଷା ହେବା ନେଇ ସୂଚନା ଦିଆଯାଇଛି । ଉତ୍ତର ଭାରତର ଅଧିକାଂଶ ସ୍ଥାନରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଅପରପକ୍ଷରେ  ପଶ୍ଚିମ

ରାଜସ୍ଥାନ ଅଞ୍ଚଳରେ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ଏବଂ ଘୂର୍ଣ୍ଣିଝଡ଼ ହେବା ନେଇ ପୂର୍ବାନୁମାନ କରାଯାଇଛି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ର ପ୍ଲେଅଫ୍ ପର୍ଯ୍ୟାୟ ମ୍ୟାଚ୍ ଆସନ୍ତାକାଲିଠାରୁ ଆରମ୍ଭ ହେବ । ପ୍ରଥମ କ୍ୱାଲିଫାୟର୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପଞ୍ଜାବ କିଙ୍ଗସ୍‌କୁ ଭେଟିବ । ଗତକାଲିର ଶେଷ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ବେଙ୍ଗାଲୁରୁ ବିଜୟୀ ହୋଇ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି । ଏଥିସହ ଗୁଜରାଟ ଟାଇଟନ୍ସ ତୃତୀୟ ସ୍ଥାନକୁ ଖସିଛି । ଆସନ୍ତା ଶୁକ୍ରବାର ଦିନ ଏଲିମିନେଟର ପର୍ଯ୍ୟାୟ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ । ଆସନ୍ତା ୧ତାରିଖ ରବିବାର ଦିନ ଦ୍ୱିତୀୟ କ୍ୱାଲିଫାୟର୍ ମ୍ୟାଚ୍ ଏବଂ ୩ ତାରିଖରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।

ସୂଚନାଯୋଗ୍ୟ ଗତକାଲିର ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍‌କୁ ୬ ୱିକେଟ୍‌ରେ ପରାସ୍ତ କରିଛି ।

*****